# Akashvani, Sambalpur

## SAMBALPURI NEWS EVENING BULLETIN

## 13 June 2026-7.02- 7.12 pm.

---

୧- କ୍ରୀଡ଼ା କ୍ଷେତ୍ରନୁ ମୁଲ୍ କରିକରି ଦେଶର୍ ଭବିଷ୍ୟତ୍ ଗଠନ୍‌ଥି ଯୁବବର୍ଗଙ୍କର୍ ଉତ୍ସାହପୂର୍ଣ୍ଣ ଯୋଗଦାନ୍‌କେ ପ୍ରଶଂସା କଲେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ହେଇଛେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ୍ ।

୩- ଜାତୀୟ ଶିକ୍ଷାନୀତି -୨୦୨୦ ଶିକ୍ଷା ବ୍ୟବସ୍ଥାଥି ନୂଆଦିଗନ୍ତ ସୃଷ୍ଟି କରିଛେ - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୪- ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ଆଏବାକାଏଲ୍ ହେବା ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବାଙ୍କର୍ ପତର୍‌ପେଁଡ଼ି ।

ଆଉର୍

୪- ଦକ୍ଷିଣ୍ ପଶ୍ଚିମ ମୌସୁମୀ ବାୟୁ ଆଏବା ୨ ନୁ ୩ ଦିନ୍ ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଇଲାକାକେ ପୁହୁଁଚିବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ଆକଲନ୍ ।

ପିଏମ୍ - ଯୁବଶକ୍ତି ଆର୍ଏନ୍ୟୁ/ କଟକ୍

ଦେଶର୍ ଯୁବବର୍ଗ ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟାନୁ ମୁଲ୍ କରିକରି ବିନିର୍ମାଣ୍ କ୍ଷେତ୍ର, ମହାକାଶ୍, ସେମି କଣ୍ଡକ୍ଟର୍ ଆଉ ଡ୍ରୋନ୍ ତକ୍ ଭିନ୍ ଭିନ୍ କ୍ଷେତ୍ର ନ ନିଜର୍ ଦକ୍ଷତା ଦେଖେଇପାରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ଶ୍ରୀ ମୋଦୀ କହିଛନ୍, ଭାରତ୍ ବିଶ୍ୱସ୍ତର୍ ନ ଗୁଟେ ପ୍ରମୁଖ୍ ଷ୍ଟାର୍ଟଅପ୍ କେନ୍ଦ୍ର ଭାବେ ଉଭା ହେଇଛେ । ଇ ସଫଲତା ଯୁବବର୍ଗଙ୍କର୍ ଲାଗି ସମ୍ଭବ୍ ହେଇପାରିଛେ । କ୍ରୀଡ଼ା କ୍ଷେତ୍ରନୁ ମୁଲ୍ କରିକରି ଦେଶର୍ ଭବିଷ୍ୟତ୍ ଗଠନ୍‌ଥି ଯୁବବର୍ଗଙ୍କର୍ ଉତ୍ସାହପୂର୍ଣ୍ଣ ଯୋଗଦାନ୍‌କେ ପ୍ରଧାନ୍‌ମନ୍ତ୍ରୀ ବହୁତ୍‌ଟେ ପ୍ରଶଂସା କରିଛନ୍ । ବହୁତ୍‌ଟେ ଅନ୍ତର୍ଜାତୀୟ ପ୍ରତିଯୋଗିତାଥି ଭାରତ୍‌ର ଯୁବ କ୍ରୀଡ଼ାବିତ୍ ନିଜର୍ ଶ୍ରେଷ୍ଠତ୍ୱ ଦେଖେଇକରି ଦେଶ୍‌କେ ଗୌରବାନ୍ୱିତ କରିଛନ୍ । ଦେଶେ

ଭିନ୍ ଭିନ୍ କ୍ଷେତ୍ର ନ ସୃଷ୍ଟି ହେଇଥିବା ଭିତିଭୂମି, ନବସୃଜନ୍, ଉଦ୍ୟୋଗ୍ କ୍ଷେତ୍ରକେ ଇଟା ପ୍ରୋତ୍ସାହନ୍ ଦଉଛେ । ଗଲା ୧୨ ବଛର୍ ହେଲା କେନ୍ଦ୍ରର୍ ଏନ୍‌ଡିଏ ସର୍କାର୍ ଯୁବ ନେତୃତ୍ୱାଧୀନ୍ ବିକାଶ୍ ଉପ୍‌ରେ ଅହରହ ପ୍ରୟାସ୍ ଜାରି ରଖିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ୍‌କେ ନଜର୍‌ଥି ରଖିକରି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ରାଷ୍ଟ୍ରପତି ଆଏବା ୧୯ ତାରିଖ୍ ଦିନ ଆଉ ପ୍ରଧାନ୍‌ମନ୍ତ୍ରୀ ୨୦ ତାରିଖ୍ ଦିନ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ରାଇରଙ୍ଗ୍‌ପୁର୍ ପୁହୁଁଚିବେ । ସେମାନ୍‌କର୍ ଗସ୍ତ କାର୍ଯ୍ୟକ୍ରମ୍‌ର ପରିଚାଳନା ଆଉ କାର୍ଯ୍ୟାନ୍ୱୟନ୍ ନେଇକରି ମୁଖ୍ୟ ଶାସନ୍ ସଚିବ ସମୀକ୍ଷା କରିକରି ଆବଶ୍ୟକ୍ ପରାମର୍ଶ ଆଉ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଗସ୍ତ ସମିଆଥି ସୁରକ୍ଷା ବ୍ୟବସ୍ଥା,

ପ୍ରୋଟୋକୋଲ୍, କାର୍କେଡ୍ ପରିଚାଳନା, ହେଲିପେଡ୍ ପ୍ରସ୍ତୁତି, ସବୁ କାର୍ଯ୍ୟକ୍ରମ୍‌ର ସମନ୍ୱୟ, ବିମାନ୍ ବନ୍ଦର୍ ନ ଆନୁସଙ୍ଗିକ୍ ବ୍ୟବସ୍ଥା ବିଷେ ବିସ୍ତାର୍ ଭାବେ ଆଲୋଚନା କରାଯାଇଥିଲା । ସବୁ ସମ୍ପୃକ୍ତ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍‌କେ ନିଜର୍ ନିଜର୍ ଭିତ୍‌ରେ ସମନ୍ୱୟ ରଖିକରି ସବୁ ପ୍ରସ୍ତୁତି ପୁରା କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍        ଆର୍‌ଏନ୍‌ୟୁ/ କଟକ୍

ଦେଶ୍‌କେ ପୁର୍‌ଥିର୍ ଅଗ୍ରଣୀ ଶକ୍ତି ହିସାବେ ପ୍ରତିଷ୍ଠିତ୍ କର୍‌ବାର୍‌ଥି ଯୁବପିଢ଼ିଙ୍କର୍ ଭୂମିକା ନିର୍ଣ୍ଣାୟକ୍ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ମଧ୍ୟପ୍ରଦେଶ୍‌ର ଭୋପାଲ୍ ଠାନେ ଆଏଜ୍ ଯୁବ ଖେଲାଲିମାନ୍‌କର୍ ସାଙ୍ଗେ ମତ ବିନିମୟ କରିକରି କେନ୍ଦ୍ରମନ୍ତ୍ରୀ କହିଛନ୍, ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷା ବ୍ୟବସ୍ଥାଥି ଗୁଟେ ନୂଆଁ ଦିଗନ୍ତ ସୃଷ୍ଟି କରିଛେ । ପାଠ୍‌ପଢ଼ା ସହେତେ ଖେଲ୍ ଉପ୍‌ରେ ଗୁରୁତ୍ୱ ଦେଇକରି ଛାତ୍ରଛାତ୍ରୀମାନ୍‌କର୍ ଶିକ୍ଷା, ପ୍ରତିଭା ଆଉ କୌଶଲ୍‌ର ବିକାଶ୍ ଉପ୍‌ରେ ସର୍‌କାର୍ ଜୋର୍ ଦେଇ ଆସୁଛନ୍ । ଏକାଡେମିକ୍

ବେଙ୍କ୍ କ୍ରେଡ଼ିଟ୍ ଆଉ ଆପାର୍ ଆଇଡି ବାଗିର୍ ନୂଆଁ ପଦକ୍ଷେପ୍ ଛାତ୍ରଛାତ୍ରୀମାନ୍‌କର୍ ଅନୁଭବ୍, ସଫଲତା ଆଉ କୌଶଲ୍‌କେ ସ୍ୱିକୃତୀ ଦେବାର୍ ସହେତେ ଶିକ୍ଷା ଆଉ କୌଶଲ୍ ଦିଗେ ବର୍କସ୍ ସମନ୍ୱୟ ଥାପ୍‌ନା କରୁଛେ । ୨୦୩୬ ଅଲମ୍ପିକ୍ ପ୍ରସ୍ତୁତି ଠାନୁ ମୁଲ୍ କରିକରି ବିକଶିତ୍ ଭାରତ୍ ୨୦୪୭ ର ସଂକଳ୍ପ ପୂରଣ୍‌ତକ୍ ଯୁବଶକ୍ତି ଭାରତ୍‌ର ସାମର୍ଥ୍ୟ ଆଉ ସମ୍ଭାବନାର ପ୍ରତୀକ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ରାଜ୍ୟପାଲ୍‌ଙ୍କର୍ ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ପୁରୀ ଗସ୍ତଥି ଯାଇକରି ରେଲ୍‌ଷ୍ଟେସନ୍ ନ ଚାଲୁଥିବା ନବୀକରଣ୍ କାମ୍‌ର ସମୀକ୍ଷା କରିଛନ୍ । ଆଏବା ବଛର୍ ମାର୍ଚ୍ଚ ମାସ୍‌ତକ୍ ଷ୍ଟେସନ୍‌ର ନିର୍ମାଣ୍ କାମ୍ ଶେଷ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ରେଲ୍‌ଷ୍ଟେସନ୍ ନ ଯାତ୍ରୀମାନ୍‌କର୍ ଲାଗି ଅତ୍ୟାଧୁନିକ୍ ବ୍ୟବସ୍ଥା, ରହେବାର୍ ଲାଗି ଶହେ ଟା ବିଶ୍ରାମ୍ ଘର୍ ତିଆର୍ କରାଯାଉଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ଆଏବା ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ସେଦିନ ସର୍‌କାରୀ ଛୁଟି ଦିନ୍ ପଡୁଥିବାର୍‌ନୁ ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ପରବର୍ତୀ ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ।

ବେଟି ବଚାଓ- ବେଟି ପଢ଼ାଓ ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ଟୁକେଲ୍ ଛୁଆମାନ୍‌କୁ ବର୍‌କସ୍ କର୍‌ବାର୍ ଆଉ ସାମାଜିକ୍ ଦୃଷ୍ଟିକୋଣ୍‌ନୁ ପରିବର୍ତନ୍ କର୍‌ବାର୍‌ଥି 'ବେଟି ବଚାଓ- ବେଟି ପଢ଼ାଓ' ଅଭିଯାନ୍ ଗୁଟେ ପ୍ରମୁଖ ପରିବର୍ତନ୍ କାରୀ ପଦକ୍ଷେପ୍ ଭାବେ ଉଭା ହେଇଛେ । ୨୦୧୫ ମସିହାଥି ଲିଙ୍ଗଗତ ଅସମାନତା ଆଉ ବୈଷମ୍ୟକେ ପ୍ରତିହତ୍ କର୍‌ବାର୍

ଲକ୍ଷ୍ୟ ନେଇକରି ଇ ଅଭିଯାନ୍ ମୁଲ୍ କରାଯାଇଥିଲା । ଟୁକେଲ୍ ଛୁଆମାନ୍‌କର୍ ସୁରକ୍ଷା, ଶିକ୍ଷା ଆଉ ବଂଚ୍‌ବାର୍ ଅଧିକାର୍‌କେ ସୁରକ୍ଷା ଦେବାର୍‌ଥି ଇ ଯୋଜ୍‌ନା ସଫଲ୍ ହେଇଛେ । ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଲୟ କହିଛେ, ଗଲା ଦଶନ୍ଧି ଭିତ୍‌ରେ ଲିଙ୍ଗଗତ ଅସମାନତା ବହୁତ୍‌ଟେ କମିଛେ । ଶିକ୍ଷା କ୍ଷେତ୍ର ନ ଟୁକେଲ୍ ଛୁଆମାନ୍‌କର୍ ଯୋଗଦାନ୍ ବଢ଼ିଛେ । ଟୁକେଲ୍ ଛୁଆଙ୍କର୍ ଲାଗି ଗୁଟେ ବଢ଼ିଆଁ ଉତମ୍ ପରିବେଶ୍ ସୃଷ୍ଟି କର୍‌ବାର୍, ଗୋଷ୍ଠୀଗତ ସମ୍ପୃକ୍ତି, ସଚେତନତା ଆଉ କେନ୍ଦ୍ର ଆଉ ରାଜ୍ୟ ମାନ୍‌କର୍ ଭିତ୍‌ରେ ସମନ୍ୱିତ୍ ଭାବେ କାମ୍ କର୍‌ବାର୍‌ଥି ଇ ଯୋଜ୍‌ନା ବହୁତ୍ ଗୁରୁତ୍ୱପୂର୍ଣ୍ଣ ହେଇଛେ ବଲି ମନ୍ତ୍ରଣାଲୟ କହିଛେ ।

ଯୋଗଦିବସ ଆର୍‌ଏନ୍‌ୟୁ/ କଟକ୍

ଅନ୍ତର୍ଜାତୀୟ ଯୋଗଦିବସ୍ ୨୦୨୬ ଅବ୍‌ସରେ ଭାରତ୍ ସର୍‌କାର୍‌ଙ୍କର୍ ଆୟୁସ୍ ମନ୍ତ୍ରଣାଲୟ ତର୍‌ଫୁ ଆୟୋଜିତ୍ ଗିନିଜ୍ ୱାର୍ଲଡ୍ ରେକର୍ଡ଼ ଲାଗି ଗଣଯୋଗ ଅଭିଯାନ୍ ଆଏବା କାଏଲ୍ ସଖାଲର୍ ୬ ବାଜିକରି ୧୫ ମିନିଟ୍‌ନୁ ୭ ବାଜିକରି ୩୫

ମିନିଟ୍‌ତକ୍ ଆଭାସୀ ଜରିଏ ଆୟୋଜିତ୍ ହେବା । ଇ ଅଭିଯାନଥି ଭାଗ୍ ନେବାର୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ରାଜ୍ୟବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଟୋଲ୍-ଫ୍ରି ନମ୍ବର୍ ୧୮୦୦ - ୩୧୫-୭୦୦୮ କେ ମିସ୍‌ଡ୍ କଲ୍ କରିକରି ଆଗ୍ରହୀ ଲୁକେ ନିଜର୍ ନାଁ ପଞ୍ଜିକରଣ୍ କରିପାର୍‌ବେ ।

ଶୀତଲ୍‌ଷଷ୍ଠୀ- ପତର୍‌ପେଁଡ଼ି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଆଏବା କାଏଲ୍‌ଠାନୁ ମୁଳ୍ ହେବା । ଆଏବା କାଏଲ୍ ନନ୍ଦପଡ଼ାର ବମ୍‌ବରାଡ଼୍ ବାଲୁଙ୍କେଶ୍ୱର୍ ବାବାଙ୍କର୍ ପତର୍‌ପେଁଡ଼ି କାର୍ଯ୍ୟକ୍ରମ୍ ଆଉ ୧୮ ତାରିଖ୍ ଦିନ ଶିବବିବାହ ଅନୁଷ୍ଠିତ୍ ହେବା । ଇଟାକେ ନେଇକରି ଯାତ୍ରା କମିଟି ତର୍‌ଫୁ ଜୋର୍‌ସୋର୍ ପ୍ରସ୍ତୁତି ଚାଲିଛେ । କନ୍ୟା ପିତାମାତାଙ୍କର୍ ଘରେ ଭିଲ୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।

ଶୀତଲ୍‌ଷଷ୍ଠୀ ଯାତ୍ରା ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦଉଛନ୍ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍...
(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ନାମ ସଂଶୋଧନ୍ ପ୍ରକ୍ରିୟା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ସର୍‌କାରୀ ଆଉ ବେସର୍‌କାରୀ ପ୍ରତିଷ୍ଠାନ୍ ନାଁଥି ଥିବା ଭୁଲ୍ ସଂଶୋଧନ୍ ଲାଗି ଆଏବା ମାସେ ଭିତ୍‌ରେ ପ୍ରକ୍ରିୟା ମୁଲ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସବୁ ପ୍ରତିଷ୍ଠାନ୍‌ର ଶୁଦ୍ଧ ଲେଖା ଆଉ ଉଚ୍ଚାରଣ ନିର୍ଶ୍ଚିତ୍ କରାଯିବା । ନାମକରଣ୍‌ଥି ଥିବା ଅସଂଗତି ଦୂର୍ କର୍‌ବାର୍ ସହେତେ ଭାଷା ଆଉ ଐତିହ୍ୟର୍ ସୁରକ୍ଷା ଉପ୍‌ରେ ଖାସ୍ ଧ୍ୟାନ୍ ଦେବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ସମ୍‌କୁ ପରାମର୍ଶ ଦେଇଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ଅଧୀନ୍‌ଥି ଥିବା ପ୍ରତିଷ୍ଠାନ୍ ମାନ୍‌କର୍ ନାଁ ସଂଶୋଧନ୍ ଲାଗି କେନ୍ଦ୍ରକେ ଚିଠି ଲେଖାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବହୁମୁଖୀ ହଲ୍ ଉଦ୍‌ଘାଟନ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ନ ଥିବା ଆଦିବାସୀ ପଡ଼ା ନ ୫ ଶହ କ୍ଷମତା ବିଶିଷ୍ଟ ବହୁମୁଖୀ ହଲ୍‌କେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଉଦ୍‌ଘାଟନ୍ କରିଛନ୍ । ସ୍ଥାନୀୟ ଇଲାକାର୍ ସାମାଜିକ୍, ସାଂସ୍କୃତିକ୍ ଆଉ ଗୋଷ୍ଠୀଭିତିକ କାର୍ଯ୍ୟକଳାପ ସହେତେ ଭିନ୍ ଭିନ୍ ସଭାସମିତି, ବୈଠକ୍ ବାଗିର୍ ଇଟା ଗୁରୁତ୍ୱପୂର୍ଣ୍ଣ ହେବା ବଲି ଶ୍ରୀମତୀ ମାଳବିକା ଦେବୀ କହିଛନ୍ ।

ଜିଲ୍ଲାସ୍ତରୀୟ ସମ୍ମିଳନୀ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ ବିକଶିତ୍ ଓଡ଼ିଶା ୨୦୩୬ ଆକାଂକ୍ଷୀ ଜିଲ୍ଲା ଆଉ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ୍‌କେ ନେଇକରି ଜିଲ୍ଲାସ୍ତରୀୟ ସମ୍ମିଳନୀ ହେଇଯାଇଛେ । ଜିଲ୍ଲାର୍ ସର୍ବାଙ୍ଗୀନ୍ ବିକାଶ୍ ଆଉ ଆଏବା ୨୦୩୬ ତକ୍ ଓଡ଼ିଶାକେ ଗୁଟେ ସମୃଦ୍ଧ ରାଜ୍ୟ କର୍‌ବାର୍ ଲାଗି ଇଥି ଆଲୋଚନା କରାଯାଇଛେ । ଜିଲ୍ଲା ଯୋଜନା ଆଉ ପର୍ଯ୍ୟବେକ୍ଷଣ୍ ଉପ ନିର୍ଦ୍ଦେଶକ୍ ଶ୍ରୀକାନ୍ତ ଦଲେଇଙ୍କର୍

ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର୍ କୁଳପତି ପୱ୍ୱନ୍ କୁମାର୍ ଅଗ୍ରୱ୍ୱାଲ୍, ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ୱ୍ୱାନ୍ ଯୋଗ୍ ଦେଇକରି ନିଜର୍ ମତାମତ ଉପସ୍ଥାପନ୍ କରିଥିଲେ । କଲାହାଣ୍ଡି ଜିଲ୍ଲାକେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ୍ ଆଉ ଆର୍ଥିକ୍ କ୍ଷେତ୍ର ନ ଗୁଟେ ଆଗ୍‌ଧାଡ଼ିର୍ ଜିଲ୍ଲା କର୍‌ବାର୍ ଲାଗି ସମ୍ମିଲନୀଥି ଆଲୋଚନା କରାଯାଇଥିଲା । ଇତାର୍‌ଛଡ଼ା ପଛୁଆବ୍ଲକ୍ ମାନ୍‌କର୍ ବିକାଶ୍ ଲାଗି ଚାଲିଥିବା ଆକାଂକ୍ଷି ବ୍ଲକ୍ ମଦନ୍‌ପୁର୍ ରାମ୍‌ପୁର୍, ଥୁଆମୁଲ୍ ରାମ୍‌ପୁର୍‌ର କାର୍ଯ୍ୟକ୍ରମ୍ ମାନ୍‌କର୍ ସମୀକ୍ଷା କରାଯାଇଥିଲା ।

ରକ୍ତଦାନ୍ ଶିବିର୍ କୋରାପୁଟ୍ ସମ୍ବାଦଦାତା

କୋରାପୁଟ୍ ଠାନେ ଥିବା ସୀମା ସୁରକ୍ଷା ବଳ ବିଏସ୍‌ଏଫ୍‌ର ମୁଖ୍ୟାଳୟ ପରିସର୍ ନ ଗୁଟେ ସ୍ୱେଚ୍ଛାକୃତ ରକ୍ତଦାନ୍ ଶିବିର୍ ହେଇଯାଇଛେ । ଶହେ ୮୦ ନମ୍ବର୍ ବାଟାଲିୟନ୍ ବିଏସ୍‌ଏଫ୍‌ର ଦେଖ୍‌ରେଖ୍‌ଥି ଓଡ଼ିଶା ରାଜ୍ୟ ଏଡ଼୍‌ସ୍ ନିୟନ୍ତ୍ରଣ୍ ସମିତିର

ସହଯୋଗ୍‌ଥି ହେଇଥିବା ଇ ଶିବିର୍‌ଥି ୯୨ ଝନ୍ ରକ୍ତଦାନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ବିଏସ୍‌ଏଫ୍‌ର ଅଧିକାରୀମାନେ ରକ୍ତଦାନ୍‌ର ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ନିୟମିତ୍ ଭାବେ ରକ୍ତଦାନ୍ କର୍‌ବାର୍‌କେ ସମ୍‌କୁ ଆହ୍ୱାନ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ଉପକୂଳ ଅଂଚଲ୍ ନ ପୁହୁଁଚିବାର୍ ଉତ୍‌ରୁ ଏଛେନ୍ ଉତର୍ ଭାଗ୍‌କେ ଅଗ୍ରସର୍ ହେଉଛେ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ମୌସୁମୀର୍ ପ୍ରଭାବ୍‌ଥି ଉତର୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ପାଗ ଅନୁକୂଳ ଥିବାର୍‌ନୁ ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ମୌସୁମୀବାୟୁ ରାଜ୍ୟର୍ ବଡ଼ଭାଗୀ ଇଲାକାକେ ଯିବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ

ଗରମ୍ ଆଉ ଗୁଲ୍‌ଗୁଲି ଲାଗି ଆଏଜ୍ ଆଉ ଆଏବାକାଏଲ୍ ଲାଗି ୧୧ ଟା ଜିଲ୍ଲାକେ ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ ଭଦ୍ରକ୍ ଜିଲ୍ଲାର୍ ଭଣ୍ଡାରୀପୋଖରୀ ନ ସବୁନୁ ଜହ ୬୦ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ ।